ODISHA POLICE
STATE HEADQUARTERS
CUTTACK.

# ପ୍ରେସ୍ ନୋଟ୍

୦୧. ୦୯. ୨୦୨୫

ଆଜି ସୁନ୍ଦରଗଡର ଜିଲ୍ଲା ଷ୍ଟାଡିୟମରେ ୮୦ ତମ ରାଜ୍ୟ ପୁଲିସ ଫୁଟବଲ ପ୍ରତିଯୋଗିତା- ୨୦୨୫ ଆନୁଷ୍ଠାନିକ ଭାବେ ଉଦଯାପିତ ହୋଇଯାଇଛି। ଏହି ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଡିଆଇଜି (ପଶ୍ଚିମାଞ୍ଚଳ) ଶ୍ରୀ ବ୍ରିଜେଶ କୁମାର ରାୟ ଯୋଗ ଦେଇ ଚାମ୍ପିୟନ ସୁନ୍ଦରଗଡ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। ଏହାସହ ରନର୍ସ ଅପ ଟ୍ରଫି ଝାରସୁଗୁଡା ଟିମକୁ ପ୍ରଦାନ କରିଥିଲେ।

ଉଲ୍ଲେଖଯୋଗ୍ୟ ଯେ, ଆଜି ସୁନ୍ଦରଗଡ ପୋଲିସ ଟିମ ଓ ଝାରସୁଗୁଡା ପୋଲିସ ଟିମ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ ସୁନ୍ଦରଗଡ ଟିମ, ଝାରସୁଗୁଡା ଟିମକୁ ପେନାଲ୍ଟି କିକରେ ୪-୩ ଗୋଲ ବ୍ୟବଧାନରେ ପରାସ୍ତ କରି ବିଜେତା ହୋଇଛି ।

ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ଡ଼ିଫେଣ୍ଡର ଖେଳାଳି ଭାବେ ଝାରସୁଗୁଡ଼ାର କନେଷ୍ଟବଳ ରାକେଶ ଓରାମ ପାଇଥିଲାବେଳେ, ଶ୍ରେଷ୍ଠ ଗୋଲକିପର ଭାବେ ସୁନ୍ଦରଗଡ଼ର ହାବିଲଦାର କୁନାଲ କାଲୋଙ୍କୁ ଦିଆଯାଇଥିଲା। ସେହିପରି ଶ୍ରେଷ୍ଠ ମିଡଫିଲ୍ଡର ଭାବେ କମିଶନେରେଟ୍ ଟିମର କନେଷ୍ଟବଳ ଲାଖାଇ ମୁର୍ମୁ ଙ୍କୁ ଦିଆଯାଇଥିଲା । ଶ୍ରେଷ୍ଠ ଫରୱାର୍ଡ ଖେଳାଳି ଭାବେ ରାଉରକେଲାର କନେଷ୍ଟବଳ ସମୀର କେରେକେଟା ପାଇଥିଲେ। ସୁନ୍ଦରଗଡ଼ର କନେଷ୍ଟବଳ ଆଲିଷ୍ଟର ବ୍ୟାଙ୍କର ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳିଭାବେ ମନୋନୀତ ହୋଇଥିଲେ।

ଉଲ୍ଲେଖଯୋଗ୍ୟ ଯେ, ଏହି ୮୦ ତମ ରାଜ୍ୟ ପୁଲିସ ଫୁଟବଲ ପ୍ରତିଯୋଗିତା – ୨୦୨୫ ରେ ରାଜ୍ୟର ବିଭିନ୍ନ ଜିଲ୍ଲା ପୋଲିସ ଏବଂ ବାଟାଲିୟନର ୪୭ ଗୋଟି

ପୋଲିସ ଟିମ ଅଂଶ ଗ୍ରହଣ କରିଥିବା ବେଳେ ସମୁଦାୟ ପ୍ରାୟ ୮୫୦ ଜଣ ଖେଳାଳି ସାମିଲ ହୋଇଥିଲେ ।

ଆଜିର ଏହି ଉଦଯାପନୀ ସମାରୋହରେ ସୁନ୍ଦରଗଡ ଜିଲ୍ଲାପାଳ ଶ୍ରୀ ଡଃ ଶୁଭଙ୍କର ମହାପାତ୍ର , କେନ୍ଦୁଝର ଏସପି ଶ୍ରୀ କୁଶାଲକର ନିତିନ ଦାଗୁଡ୍ଡୁ , ରାଉରକେଲା ଏସପି ଶ୍ରୀ ନିତେଶ ୱାଧାନୀ ,ସୁନ୍ଦରଗଡ ଏସପି ଅମ୍ରିତପାଲ କୌର, ଉପ ଜିଲ୍ଲାପାଳ ତେଜସ୍ୱିନୀ ବେହେରାଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ, ଟିମର ଅଧିନାୟକ, ଖେଳାଳି ପ୍ରମୁଖ ଉପସ୍ଥିତ ଥିଲେ ।

ଲୋକ ସମ୍ପର୍କ ଅଧିକାରୀ